## ସଂକ୍ଷେପରେ

### ବାର୍ଲିପଡ଼ା ଗ୍ରାମରୁ ୧୮୮ କେଜି ଗଞ୍ଜେଇ ଜବତ

କୋରାପୁଟ/ ଲମତାପୁଟ, ୪।୫(ସ୍ୱ.ପ୍ର./ ଡି.ଏନ୍.ଏ.)- ମାଛକୁଣ୍ଡ ପୋଲିସ ବାର୍ଲିପଡ଼ା ଗ୍ରାମର ଏକ ଘରୁ ୧୮୮ କେଜି ଗଞ୍ଜେଇ ଜବତ କରିଛି। ବାର୍ଲିପଡ଼ା ଗ୍ରାମର କେଶବ କିରସାନୀଙ୍କ ଘରେ ଗଞ୍ଜେଇ ରଖାଯାଇଥିବା ନେଇ ପୋଲିସ ସୂଚନ ପାଇଥିଲା। ଥାନାଧିକାରୀ ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାର୍ଲିପଡ଼ାରେ ପହଞ୍ଚି କେଶବଙ୍କ ଘରେ ଯାଞ୍ଚ କରିଥିଲା। ସେଠାରୁ ୬ଟି ବସ୍ତାରେ ୧୮୮ କେଜି ଗଞ୍ଜେଇ ପୋଲିସ ଜବତ କରିଛି। ଏନେଇ ମାଛକୁଣ୍ଡ ଥାନାରେ ୬୦/୨୩ରେ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ କେଶବ ଫେରାର ହୋଇଯାଇଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ୍ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

### ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ,୪।୫(ସ୍ୱ.ପ୍ର.)- ଓଡ଼ିଶା ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତିକୁ ନେଇ ଗତ ୧ ତାରିଖରୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଅବିଭକ୍ତ କୋରାପୁଟ ଜିଲା ବନବାସୀ ବିକାଶ ପରିଷଦ ମହାସଂଘ ଏହାକୁ ଅସହଯୋଗ କରିବ ବୋଲି ଏହାର ଉପସଭାପତି ଦାଶରଥି ମାଲୀ କହିଛନ୍ତି। କେତେଜଣ ନୋଡାଲ ଅଧିକାରୀ ଜବରଦସ୍ତ କରୁଥିବା ସେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଲଢ଼େଇ କରିବାକୁ ପ୍ରସ୍ତୁତ ଅଛୁ ବୋଲି ସେ କହିଛନ୍ତି। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଅବଦାଲ ଏମ୍ ଅଖତର ଦାବିପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ କମାର ସମାଜର ଜିଲା ସଭାପତି ଭଗବାନ ଗୋଲରୀ, ମାଲୀ ସମାଜ ସମ୍ପାଦକ ଦୈତାରୀ ଖିଲ, ଦୋରା ସମାଜ ସଭାପତି ବୈଦ୍ୟନାଥ ଗେମେଲ, ଦୁର୍ଯ୍ୟ ମାଲୀଙ୍କ ସମେତ ଅନ୍ୟ ନେତା ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଛାତ୍ରୀଛାତ୍ରଙ୍କ ସଫଳତା

କୋରାପୁଟ,୪।୫(ସ୍ୱ.ପ୍ର.)- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ୬ ଜଣ ଛାତ୍ରୀଛାତ୍ର ନିକଟରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଛନ୍ତି। ସର୍ବଭାରତୀୟ ଏନ୍‌ଟିଏ ୟୁଜିସି ନେଟ୍ ପରୀକ୍ଷାରେ ୩ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଏମାନଙ୍କ ମଧ୍ୟରେ ଏନ୍‌ଟିଏ ନେଟ୍-ଜେଆର୍‌ଏଫ୍ ପାସ୍ କରିଥିବା ୨୦୧୭-୧୯ ବ୍ୟାଚ୍‌ର ଜୟଦେବ ମଜୁମଦାର ଏବଂ ୨୦୧୮-୨୦ ବ୍ୟାଚ୍‌ର ସନତ ପାଢ଼ୀ ଓ ୨୦୨୦-୨୨ ବ୍ୟାଚ୍‌ର ମୌସାମୀ ଜେନା ଅଛନ୍ତି। ବିଭାଗର ୩ ଜଣ ଛାତ୍ରୀଛାତ୍ର ମଧ ସବ୍‌ଡିଭିଜନାଲ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଏହି ପରୀକ୍ଷା ହୋଇଥିଲା। ଉକ୍ତ ପରୀକ୍ଷାରେ ୨୦୧୦-୧୨ ବ୍ୟାଚ୍‌ର ତନୁଜା ମହାନ୍ତି, ୨୦୧୧-୧୩ ବ୍ୟାଚ୍‌ର ପ୍ରହ୍ଲାଦ କାଶଲା ଓ ୨୦୧୭-୧୯ ବ୍ୟାଚ୍‌ର ଅବିନାଶ ପାଣି କୃତିତ୍ୱ ହାସଲ କରିଛନ୍ତି। ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇଛନ୍ତି।

### ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୪।୫ (ନି.ପ୍ର.)-ଏକ ଡକାୟତି ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଢେପଗୁଡାର ବିଭୁ ସୁନା। ୨୦୧୯ରେ ବିଭୁଙ୍କ ନାମରେ ଟାଉନ ଥାନାରେ ଡକାୟତି ମାମଲା ରହିଥିଲା। ସେବେଠାରୁ ସେ ଫେରାରଥିବାରୁ ଗିରଫ ହୋଇପାରି ନ ଥିଲେ। ଗୁରୁବାର ତାଙ୍କ ସମ୍ପର୍କରେ ସୂଚନା ପାଇ ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

# ମାନସିକ ରୋଗୀଙ୍କ ପାଇଁ ମିଶନ ଆଶ୍ରା କେନ୍ଦ୍ର

ମାଲକାନଗିରି,୪।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଗୁରୁବାର ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ପାଇଁ ମିଶନ ଆଶ୍ରା କେନ୍ଦ୍ର ଲୋକାର୍ପିତ ହୋଇଛି। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲା ଆଉ ପାଦଟିଏ ଆଗେଇଛି। ରାଜ୍ୟ ସରକାରଙ୍କ ପରିଚାଳିତ ପିପୁଲ୍ସ ଫୋରମ ସଙ୍ଗଠନ ମାଧ୍ୟମରେ ଗୁରୁବାର ଜିଲା ସଦର ମହକୁମାସ୍ଥିତ ପୁରୁଣା ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମିଶନ ଆଶ୍ରା ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲାପାଳ ବିଶାଳ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ



ମିଶନ୍ ଆଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଅନିଲ ମିଶ୍ର, ସନ୍ଧ୍ୟାରାଣୀ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ଉଦ୍‌ଘାଟନ ପୂର୍ବରୁ ବିଶେଷକରି ମାଲକାନଗିରି ଜିଲା ସଦର ମହକୁମାରୁ ଆରମ୍ଭ କରି ଜିଲାର ବିଭିନ୍ନ ଅଞ୍ଚଳର ଅନେକ ମାନସିକ ବିକାରଗ୍ରସ୍ତ ମହିଳାପୁରୁଷ ସହରର ବିଭିନ୍ନ ସ୍ଥାନରେ ଅସହାୟ ଅବସ୍ଥାରେ ପଡି ରହୁଥିଲେ। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅସ୍ଥାୟୀ ଭାବେ ବୃଦ୍ଧାଶ୍ରମରେ ରଖାଯାଉଥିଲେ ମଧ୍ୟ ସେମାନଙ୍କ ଚିକିତ୍ସା ଲାଗି ବିଶେଷ ସୁବିଧା ନ ଥିବାରୁ ଅନେକ ସମୟରେ ଜିଲା ବାହାରକୁ ପଠାଯାଉଥିଲା। ଫଳରେ ରୋଗୀଙ୍କୁ ଦେଖାଶୁଣା କରିବାରେ ସମସ୍ୟା ଉପୁଜୁଥିଲା। ମାଲକାନଗିରି ଜିଲା ସଦର ମହକୁମାରେ ଏହି ମିଶନ ଆଶ୍ରା ଖୋଲିବା ଦ୍ୱାରା ମାନସିକ ରୋଗରେ ପୀଡିତ ମହିଳା ପୁରୁଷମାନେ ଉପକୃତ ହେବେ। ସେମାନଙ୍କୁ ଖାଦ୍ୟ, ବସ୍ତ୍ର, ଚିକିତ୍ସା, ଆଶ୍ରୟ ଯୋଗାଇହେବ। ମିଶନ ଆଶ୍ରା ପକ୍ଷରୁ ମାନସିକ, ଶାରୀରିକ ଭାବେ କ୍ଷତିଗ୍ରସ୍ତ ରୋଗୀଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲା ପ୍ରଶାସନ ସହଭାଗିତାରେ ଏହି ମିଶନ ଆଶ୍ରା କେନ୍ଦ୍ର ଖୋଲାଯାଇଛି। ପିପୁଲ୍ସ ଫୋରମର ପରିଚାଳନା ନିର୍ଦ୍ଦେଶକ ଅଶୋକ ପାତ୍ର ଏହି କେନ୍ଦ୍ର ଦ୍ୱାରା ମାଲକାନଗିରି ଜିଲାର ମାନସିକ ଓ ଶାରୀରିକ ବିକାରଗ୍ରସ୍ତ ରୋଗୀ କି ସେବା ପାଇବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ରହସ୍ୟ ଉନ୍ମୋଚନ କରିପାରୁଛି ପ୍ରୋଧାନନ୍ଦ ଯୋଗୀଶ୍ୱରଙ୍କ ଗ୍ରନ୍ଥ


ଶ୍ରଦ୍ଧାଳୁମାନେ ଗ୍ରନ୍ଥାବଳୀ ପ୍ରଦର୍ଶନ କରୁଛନ୍ତି ।

ଜୟପୁର, ୪।୫(ନି.ପ୍ର.)

ଆଚାର୍ଯ୍ୟ ପ୍ରୋଧାନନ୍ଦ ଯୋଗୀଶ୍ୱରଙ୍କ ରଚିତ ଗ୍ରନ୍ଥାବଳୀ ଓଡ଼ିଆ ଭାଷାରେ ଅନୁବାଦ ହେବା ପରେ ଏବେ ଶ୍ରଦ୍ଧାଳୁମାନେ ଏହାର ପ୍ରଚାର ପ୍ରସାର ଆରମ୍ଭ କରିଛନ୍ତି।୧୯୭୮ରେ ଶାସ୍ତ୍ରୀୟ ରୀତିରେ ଏହି ଗ୍ରନ୍ଥାବଳୀ ରଚନା ହୋଇଥିଲା। ଗ୍ରନ୍ଥର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ ଥିବା ୧୬ ଏବଂ ୧୭ତମ ଶ୍ଳୋକରେ ଯେଉଁ ସିଦ୍ଧାନ୍ତ ରହିଛି ତାହା ଦ୍ୱାରା ଅନେକ ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ ହୋଇପାରୁଛି। ଗ୍ରନ୍ଥର ପ୍ରଚାର ପ୍ରସାର ଦ୍ୱାରା ସମସ୍ତେ ଐଶ୍ୱରୀୟ ସାନ୍ନିଧ୍ୟ ଲାଭ କରିପାରିବେ ବୋଲି ମତପ୍ରକାଶ ପାଉଛି। ଏହି ମହାନ୍ ସିଦ୍ଧାନ୍ତର ପ୍ରଚାର ପ୍ରସାର ପାଇଁ ରାୟଗଡ଼ା, ଖୋର୍ଦ୍ଧା ଜିଲାର ସଭ୍ୟମାନେ ଆନ୍ଧ୍ର ପ୍ରଦେଶର ତଲ ସମୁଦ୍ର, ବିଜୟନଗରମ, ବିଶାଖାପାଟଣା, ଶ୍ରୀକାକୁଲମ୍, ଜୟରାମପୁରମ, ବୌଦ୍ଧ ଓ ଗଜପତିନଗର କମିଟିର ସଦସ୍ୟମାନେ ଏକାଠି ହୋଇ ଗ୍ରନ୍ଥର ପ୍ରଚାରପ୍ରସାରରେ ନିୟୋଜିତ ହୋଇଛନ୍ତି। ବିଶ୍ୱେଶ୍ୱର ରାଓ, ତ୍ରିନାଥ ରାଓ, ଶଙ୍କର ରାଓ, ଗୋବିନ୍ଦ ବର୍ମାଙ୍କ ସମେତ ଅନ୍ୟମାନେ ଗ୍ରନ୍ଥର ପ୍ରଚାରପ୍ରସାର କାର୍ଯ୍ୟ ନିର୍ବାହ କରୁଛନ୍ତି। ଏହି କାର୍ଯ୍ୟକ୍ରମ କୋରାପୁଟ ଜିଲାରେ ମେ୧୫ ପର୍ଯ୍ୟନ୍ତ ଚାଲିବ।

# ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି

ଚିତ୍ରକୋଣ୍ଡା,୪।୫(ଡି.ଏନ୍.ଏ.)

**ସ୍ୱାଭିମାନ ଅଞ୍ଚଳରେ ଟ୍ରାକ୍ଟର ଓଲଟି ମୃତ୍ୟୁ ଘଟଣା**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ବଡ଼ପଦର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ସଂଖ୍ୟା ଏବେ ବୃଦ୍ଧି ପାଇ ୪ରେ ପହଞ୍ଚିଛି। ପାପରମେଟେଲା ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁଙ୍କ ସୂଚନା ମୁତାବକ, ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଞ୍ଚାୟତ ବଡ଼ପଦର ଗ୍ରାମର ୧୫ଜଣ ବ୍ୟକ୍ତି ଏକ ଟ୍ରାକ୍ଟର ଯୋଗେ ସ୍ୱାଭିମାନ ଅଞ୍ଚଳ ଗାଜୁଲୁମାମୁଡି ପଞ୍ଚାୟତ ତଣ୍ଟାଗୁଡ଼ା ଗ୍ରାମକୁ ଏକ ଭୋଜିରେ ଯୋଗଦେବାକୁ ସେମାନଙ୍କ ବନ୍ଧୁ ଘରକୁ ଯାଇଥିଲେ । ଭୋଜି ସାରି ସନ୍ଧ୍ୟାରେ ସେମାନେ ଫେରୁଥିଲେ। ବଡ଼ପୁଟ ଘାଟିରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଖବର ସେଠାରେ ପହଞ୍ଚି ଗୁରୁତରଙ୍କୁ ଯାନବାଇ ମେଡିକାଲକୁ ନେଇଥିଲେ। ସେଠାରେ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ୮ଜଣ ଗୁରୁତରଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁବାର ସକାଳେ ଜଣେ ଛୋଟ ପିଲାର ଚିତ୍ରକୋଣ୍ଡା ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଫଳରେ ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୪ ହୋଇଛି। ଏହି ଖବର ପାଇ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଏବଂ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଶୋକସନ୍ତପ୍ତ ପରିବାର ଲୋକଙ୍କ ନିକଟରେ ପହଞ୍ଚିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପାପରମେଟେଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବାଇକ୍ ଦୁର୍ଘଟଣାରେ ୨ ଆହତ

ନନ୍ଦପୁର, ୪।୫ ( ଡି.ଏନ.ଏ.)

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଞ୍ଚଳରେ ଏକ ବାଇକ୍ (ଓଡି୧୦ଭି-୧୨୩୦) ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବାଇକରେ ଥିବା ଚାଳକ ଓ ସହଯାତ୍ରୀ କୁଲାରସିଂ ଗ୍ରାମର କୁମାର ଖିଲ ଓ ସୁଦର୍ଶନ ଖିଲ ଆହତ ହୋଇଛନ୍ତି। ଖବର ଲେଖା ହେବା ବେଳକୁ ପାଡୁଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ସବ୍ୟସାଚୀ ଶତପଥୀ କହିଛନ୍ତି।

### ୱାର୍ଡମେମ୍ବର ନିର୍ବାଚନର ଗଣତି ଶେଷ

ଜୟପୁର,୩।୫(ନି.ପ୍ର.)

ଜୟପୁର ବ୍ଲକ ସଭାଗୃହରେ ଗୁରୁବାର ୱାର୍ଡ ମେମ୍ବର ନିର୍ବାଚନର ଭୋଟ ଗଣତି ହୋଇଛି। ଜୟପୁର ବ୍ଲକର ବାଲିଆ ପଞ୍ଚାୟତର ୮ ନମ୍ବର ଓାର୍ଡ ଓ ପୂଜାରିପୁଟ ପଞ୍ଚାୟତର ୧୧ ନମ୍ବର ୱାର୍ଡ ପାଇଁ ୱାର୍ଡମେମ୍ବର ନିର୍ବାଚନ ହୋଇଥିଲା। ଗତ ୨ ତାରିଖରେ ନିର୍ବାଚନ ହୋଇଥିବା ବେଳେ ଗୁରୁବାର ଭୋଟ ଗଣତି ହୋଇଛି । ନିର୍ବାଚନ ଅଧିକାରୀ ଭାବେ ବିଡିଓ ରାଜୀବ ଦାସ ଉପସ୍ଥିତ ଥିଲେ। ଜିପିଓ ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ। ବାଲିଆ ପଞ୍ଚାୟତର ୮ ନମ୍ବର ୱାର୍ଡର ଧନୁର୍ଜୟ କମାର ୱାର୍ଡମେମ୍ବର ଭାବେ ବିଜୟୀ ହୋଇଥିବାବେଳେ ପୂଜାରିପୁଟର ତାରଣୀ ଚରଣ ପାଢୀଙ୍କୁ ବ୍ଲକ ପ୍ରଶାସନ ବିଜୟୀ ଘୋଷଣା କରିଛନ୍ତି।

### ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ

ମାଥିଲି , ୪।୫ (ଡି.ଏନ.ଏ.)– ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ମାଥିଲି-ଖଇରପୁଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ସଂଘ ଏହି ଦିବସ ପାଳିତ ହୋଇଥିଲା। ସଂଘ ସଭାପତି ବି. ସଗରିଆ ଉପସ୍ଥିତ ରହି ସମାଜ ପରିବର୍ତ୍ତନରେ ଗଣମାଧ୍ୟମଗୁଡିକ ବଳିଷ୍ଠ ଭୂମିକା ଗ୍ରହଣ କରୁଥିବା ମତ ପ୍ରକାଶ ପାଇଥିଲା। ସଂଘ ସମ୍ପାଦକ ମହେନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶରତଚନ୍ଦ୍ର ମହାରଣା, ଉପଦେଷ୍ଟା ଦୀନବନ୍ଧୁ ନାୟକ, ସଦସ୍ୟ ରାଜୀବ ବେହେରା, ସୁବାଷ ଚନ୍ଦ୍ର ଖୁଡୁପିଆ, ରୋହିତ ବେହେରା, ଦୀପକ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କାମରେ ଆସୁନି ପାତ୍ରପୁଟ ମାଟିବନ୍ଧ


ମାଥିଲିରେ ମାଟିବନ୍ଧ ।

ମାଥିଲି,୪।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାତ୍ରପୁଟଠାରେ ଥିବା ମାଟିବନ୍ଧ ଲୋକଙ୍କ କାମରେ ଆସୁନାହିଁ। ପାଣି ଅଛି ହେଲେ ଚାଷୀଙ୍କ କାମରେ ଲାଗୁନାହିଁ। ଏହି ପାତ୍ରପୁଟ ବନ୍ଧ ରକ୍ଷାଣବେକ୍ଷଣ ଅଭାବରୁ ତଳମୁଣ୍ଡ କେନାଲ ଭାଙ୍ଗିରୁଜି ଯାଇଛି। ଚାଷୀ କେନାଲରୁ ଟୋପାଏ ପାଣି ପାଉନାହାନ୍ତି । ଅନେକ ସ୍ଥାନରେ କେନାଲ ପୋତିହୋଇଗଲାଣି। କେତେକ ସ୍ଥାନରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହେଲାଣି। ଫଳରେ ଏନେଇ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ତୁରନ୍ତ କେନାଲ ମରାମତି କରି ପାଣି ଯୋଗାଇବା ଲାଗି ଚାଷୀ ଦାବି କରିଛନ୍ତି । କେନାଲ ନିର୍ମାଣ ପାଇଁ ଆସିଥିବା ଅନୁଦାନରେ ଠିକାଦାର ଅଳ୍ପ କିଛି କାମ କରି ବିଲ୍ କରି ନେଇଥିବା ଚାଷୀ ଅଭିଯୋଗ କରିଛନ୍ତି। କାମ ଠିକ୍ ରୂପେ ହୋଇ ନ ଥିବାରୁ ଅଳ୍ପ ଦିନରେ କେନାଲ ଭୁଶୁଡ଼ି ପଡ଼ିଲାଣି। ଠିକାଦାର ଓ ଯନ୍ତ୍ରୀଙ୍କ ସୁଲାସୁତୁରା ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି ବୋଲି ଚାଷୀ ଭଗବାନ ରେଡ୍ଡି, ଧନଞ୍ଜୟ ପୂଜାରୀ, ମୁକୁନ୍ଦ ପୂଜାରୀ, ଧନ ନାୟକ, ଦେବ ପୂଜାରୀ, ଅର୍ଜୁନ ପୂଜାରୀ ପ୍ରମୁଖ କହିଛନ୍ତି । କେନାଲ ମରାମତିକରି ପାଣି ଯୋଗାଇ ଦେଲେ ବାରମାସ ଯାକ ବିଭିନ୍ନ ଚାଷ କରିପାରବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ମାଲକାନଗିରିରୁ ଆଲୁରକୋଟାକୁ ବସ୍ ଚଳାଚଳ ଦାବି

ଚିତ୍ରକୋଣ୍ଡା,୪।୫(ଡି.ଏନ.ଏ.)

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି**

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜୋନ୍-୧ର ଦୋରାଗୁଡ଼ା, ନୂଆଗୁଡ଼ା, ଗୁଣ୍ଡାୱାଡା, କପାଟୁଟି, ପାପୁଲୁର, କୁରୁମାନୁର ଓ ଟନେଲକ୍ୟାମ୍ପ ପଞ୍ଚାୟତକୁ ବସ୍ ଚଳାଚଳ ଲାଗି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। କିଛିଦିନ ତଳେ ଉକ୍ତ ଅଞ୍ଚଳର ପଞ୍ଚାୟତ ପ୍ରତିନିଧିମାନେ ଏମ୍‌ପି ମାଝିଙ୍କୁ ଭେଟି ନିଜ ଅଞ୍ଚଳ ସମସ୍ୟା ସମାଧାନ ପାଇଁ


Ramesh Chandra Majhi
Member of Parliament (Lok Sabha)
Nabarangpur, Odisha

To
The Hon'ble Chief Minister,
Odisha, Bhubaneswar.

Sub: Request for ensuring Bus Services – Malkangiri to Alurukota Via Chitrakonda G.P., Kapatuti G.P., Papulur G.P. & Kurmanur G.P.

Respected Sir,

With due respect & humble submission, first of all I am to convey hearty thanks on behalf of the residents of "Swaviman Area" of Malkangiri District to the Hon'ble Chief Minister that as per his kind assurance general public of the area are now availing Bus Services very fast.

Sir, general public of the G.Ps. like Chitrakonda, Kapatuti, Papulur and Kurmanur of Chitrakonda Block are time and again requesting for another Bus Services – Malkangiri to Alurukota Via Chitrakonda G.P., Kapatuti G.P., Papulur G.P & Kurmanur G.P., in turn they can smoothly fetch their day to day requirements availing this Bus Services.

Sir, kindly consider it at your end in the interest of a good number of general public of the above said areas.

With regards,

Yours faithfully,

(Ramesh Chandra Majhi)

ଏମ୍‌ପିଙ୍କ ଚିଠି ।

ଜଣାଇଥିଲେ। ମାଲକାନଗିରିଠାରୁ ଭାୟା ଚିତ୍ରକୋଣ୍ଡା, କୁରୁମାନୁର ପାପୁଲୁର ଦେଇ ଆଲୁରକୋଟାକୁ ସରକାରୀ ବସ୍ ସେବା ପାଇଁ ନିବେଦନ କରିଥିଲେ। ଏମ୍‌ପି ମାଝି ସମସ୍ୟାକୁ ଗୁରୁତର ସହ ନେଇ ଆଲୁରକୋଟାରୁ ମାଲକାନଗିରି ସଦର ମହକୁମାକୁ ଏକ ସରକାରୀ ବସ୍ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।

# ବିଧାୟକ ବାହିନୀପତିଙ୍କ ମନ୍ତବ୍ୟକୁ ସମାଲୋଚନା କଲେ ବ୍ଲକ ଅଧ୍ୟକ୍ଷ

ବୋରିଗୁମ୍ମା,୪।୫(ଡି.ଏନ.ଏ.)

**ସମିତିସଭ୍ୟଙ୍କ ବୈଠକ ବର୍ଜନ**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ଗତ ୨ ତାରିଖରେ ହେବାକୁ ଥିବା ପଞ୍ଚାୟତ ସମିତି ବୈଠକକୁ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ସମିତିସଭ୍ୟ ବର୍ଜନ କରିଥିଲେ। ଫଳରେ ବ୍ଲକ ପ୍ରଶାସନ ସମିତି ବୈଠକକୁ ବାତିଲ କରିଥିଲା। ପଞ୍ଚାୟତ ସମିତି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ନିର୍ବାଚିତ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ବିଜେଡ଼ି ସମର୍ଥିତ। ସେମାନଙ୍କ ମଧ୍ୟରେ ଭାଗ ବଣ୍ଟା ନ ହେବାରୁ ସେମାନେ ସମିତି ବୈଠକକୁ ଆସିଲେ ନାହିଁ ବୋଲି ଅଭିଯୋଗ କରିଥିଲେ। ଗୁରୁବାର ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ, ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ ଓ ଅନ୍ୟ ସମିତିସଭ୍ୟାସଭ୍ୟ ଏକ ଖବରଦାତା ସମ୍ମିଳନୀ କରି ଜୟପୁର ବିଧାୟକ ବାହିନୀପତିଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ବ୍ଲକ ଅଧ୍ୟକ୍ଷା ନାୟକ ବୋରିଗୁମ୍ମା ବ୍ଲକ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ କରିଥିଲେ। ବ୍ଲକରେ କାର୍ଯ୍ୟରତ ବିଡିଓ ପ୍ରଣୟ ରଞ୍ଜନ ବେହେରା ଓ ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ କରୁଥିବା କାର୍ଯ୍ୟ ସମ୍ପର୍କରେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଜଣାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବ୍ଲକର ଅଧ୍ୟକ୍ଷାଙ୍କୁ ମଧ୍ୟ କୌଣସି କାର୍ଯ୍ୟରେ ପଚାରୁ ନ ଥିବା ସେ ଅଭିଯୋଗ କରିଥିଲେ। ଜୟପୁରବିଧାୟକଙ୍କ ଏହି ମନ୍ତବ୍ୟ ପରେ ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅଧ୍ୟକ୍ଷା ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ସମିତିସଭ୍ୟ ଉପସ୍ଥିତ ଥିଲେ।

# ସରକାରୀ ଔଷଧରୁ ମିଳିଲାନି ସୁଫଳ,ଦେଶୀ ଚିକିତ୍ସା ଭରସା

ଦଶମନ୍ତପୁର, ୪।୫ ( ଡି.ଏନ୍.ଏ.)

ସରକାରୀ ଔଷଧରୁ ମିଳିଲାନି ସୁଫଳ, ଫଳରେ ଜଣେ ବୃଦ୍ଧାଙ୍କୁ ଦେଶୀ ଚିକିତ୍ସା ଉପରେ ନିର୍ଭର କରିବାକୁ ପଡ଼ିଛି। ଏଭଳି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତର ଢେପଗୁଡ଼ା ଗ୍ରାମରେ। ଏହି ଗ୍ରାମର କନ୍ଧୁ ଜାନୀଙ୍କ ସ୍ତ୍ରୀ କିଆବତୀ ସ୍ୱାମୀଙ୍କ ମୃତ୍ୟୁ ପରେ କୁଲି ମଜୁରି ଖଟି ଚଳୁଥିଲେ। ୨ ଝିଅ ଓ ପୁଅଙ୍କୁ ଅଜଣା ରୋଗ ହେବାରୁ ସେ ଭାଙ୍ଗିପଡ଼ିଥିଲେ। ସରକାରୀ ଔଷଧ ଉପରେ ଭରସା କରିଥିଲେ। ମାତ୍ର ଏଥିରୁ ସୁଫଳ ନ ମିଳିବାରୁ ସେ ଏବେ ଦେଶୀ ଚିକିତ୍ସା ଉପରେ ନିର୍ଭର କରୁଛନ୍ତି। ଏନେଇ କିଆବତୀ କହିଛନ୍ତି, ମୋ ବଡ଼ ଝିଅ ଜନ୍ମରୁ ତା' ପଛ ପଟେ ଏକ କଳାରଙ୍ଗର ଦାଗ ବଢ଼ି ଘାଆ ସଦୃଶ ହେବାକୁ ବସିଲାଣି। ଘାଆଟି ଦେହସାରା ମାଡ଼ିଗଲାଣି। ବର୍ତ୍ତମାନ ଅଳ୍ପ ଖରା ବଢ଼ିଲେ ଝିଅର ହାତ ଓ ଗୋଡ଼ରୁ ଚର୍ମ ଶୁଖିଯାଇ ଖସିପଡୁଛି। ତା'ର ଦେହ, ମୁଣ୍ଡ କ୍ରମାଗତ କୁଣ୍ଡେଇ ହେଉଛି। ତାକୁ ବହୁବାର ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କୋରାପୁଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ କିଛି ସୁଫଳ ମିଳିନାହିଁ ବୋଲି କିଆବତୀ କହିଛନ୍ତି। ଶେଷରେ ସେ ସରକାରୀ ଔଷଧ ଉପରୁ ଭରସା ତୁଟାଇ ଏବେ ଦେଶୀ ଚିକିତ୍ସା ଉପରେ ନିର୍ଭର କରିଥିବା କହିଛନ୍ତି କିଆବତୀ।

# ୧୧ ଦଫା ଦାବି ନେଇ ସମୂହ ଇସ୍ତଫା ଦେଲେ ପ୍ରାଣୀ ଚିକିତ୍ସକ

କୋରାପୁଟ,୪।୫(ସ୍ୱ.ପ୍ର.)

**ଜିଲାରେ ପ୍ରାଣୀ ଚିକିତ୍ସା ପ୍ରଭାବିତ ନେଇ ଆଶଙ୍କା**

କୋରାପୁଟ ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ଗୁରୁବାର ୧୧ ଦଫା ଦାବି ନେଇ ସମୂହ ଇସ୍ତଫା ଦେଇଛନ୍ତି। ଫଳରେ ଜିଲାରେ ପ୍ରାଣୀ ଚିକିତ୍ସା ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ ପ୍ରମୁଖ ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରବି ନାରାୟଣ ପଣ୍ଡାଙ୍କୁ ସେମାନେ ସମୂହ ଇସ୍ତଫା ପତ୍ର ଦେଇଥିବା ଜଣାପଡିଛି। ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ସେମାନଙ୍କ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ସେମାନେ ଇସ୍ତଫା ଦେବାକୁ ବାଧ୍ୟ ହେଲେ ବୋଲି ଡାକ୍ତର ସନ୍ତୋଷ ପାଣିଗ୍ରାହୀ କହିଛନ୍ତି। ଜିଲାରେ କାର୍ଯ୍ୟରତ ୪୦ ଜଣ ପ୍ରାଣୀ ଚିକିତ୍ସକ ସମୂହ ଇସ୍ତଫା ଦେଇଥିବାରୁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଆଗାମୀ ଦିନରେ ଅଚଳାବସ୍ଥା ସୃଷ୍ଟି ହେବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପଣ୍ଡା କହିଛନ୍ତି।

# ଚେକ୍ ବାଉନ୍ସ ମାମଲାରେ ୨ ଗିରଫ

ଜୟପୁର ୪।୫ (ନି.ପ୍ର.)

ଏକ ଚେକ୍ ବାଉନ୍ସ ମାମଲାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଜୟନଗରର ରମେଶ ଦାସ ଓ କନକ ମହାଲକ୍ଷ୍ମୀ। ରମେଶଙ୍କ ନାମରେ ୨୦୧୧ରୁ ଏକ ଚେକ୍ ବାଉନ୍ସ ମାମଲା ଟାଉନ ଥାନାରେ ରହିଥିଲା। ସେହିପରି ମହାଲକ୍ଷ୍ମୀଙ୍କ ନାମରେ ୨୦୧୬ରୁ ଚେକ ବାଉନ୍ସ ମାମଲା ରହିଥିଲା। ସେବେଠାରୁ ଉଭୟେ ଫେରାର ଥିଲେ। ଗୁରୁବାର ଟାଉନ ଥାନା ପୋଲିସ ସେମାନଙ୍କ ସମ୍ପର୍କରେ ସୂଚନା ପାଇ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲା ବୋଲି ଟାଉନ ଥାନା ପକ୍ଷରୁ କୁହାଯାଇଛି।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୪।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ବ୍ୟବସ୍ଥା ରହିଛି। ବିଦ୍ୟାଳୟରେ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଯୁକ୍ତ୨ ବିଜ୍ଞାନ ପ୍ରଥମ ବର୍ଷ ଖୋଲାଯିବା ବ୍ୟବସ୍ଥା ହୋଇଛି। ବିଦ୍ୟାଳୟ ଦ୍ୱାଦଶ ପର୍ଯ୍ୟନ୍ତ ବିଜ୍ଞାନ ବିଦ୍ୟାଳୟର ମାନ୍ୟତା ମଧ୍ୟ ପାଇଛି। ଏହି ଅବସରରେ ଉକ୍ତ ଅଞ୍ଚଳର ଜନସାଧାରଣ ଓ ଅଭିଭାବକଙ୍କୁ ସଚେତନ କରିବା ଲାଗି ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଳଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଦେବେନ୍ଦ୍ର ଦାସ, ସମିତିସଭ୍ୟ ରାଜକମଳ ପୁରୋହିତ,ସାମାଜିକ କର୍ମୀ ରବୀନ୍ଦ୍ର ପତଙ୍ଗ ଉପସ୍ଥିତ ଥିଲେ। ଚଳିତ ବର୍ଷଠାରୁ ଉକ୍ତ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ସେମାନଙ୍କ ପିଲାଙ୍କ ନାମ ଲେଖାଇବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ ।

# ଭାଜପା ଏମ୍‌ପିଙ୍କ ଗିରଫ ଦାବିରେ ଦାବିପତ୍ର

ମାଲକାନଗିରି,୪।୫(ଡି.ଏନ୍.ଏ.)

ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘର ଦକ୍ଷିଣ ଓଡ଼ିଶା ସଭାପତି ପ୍ରଭାକର ହନ୍ତାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଦେଇଛନ୍ତି। ଭାଜପା ଏମ୍‌ପି ବ୍ରିଜଭୂଷଣ ସରଣଙ୍କୁ ତୁରନ୍ତ ଗିରଫ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ରିଜ ଭୂଷଣ ରେସ୍‌ଲିଂ ଫେଡେରେଶନର ସଭାପତି ଥିବାବେଳେ ଏକାଧିକ ମହିଳା ରେସ୍‌ଲରଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି। ଫଳରେ ମହିଳା ରେସ୍‌ଲରମାନେ ଗତ ମାସ ୨୩ରୁ


ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

ଦିଲ୍ଲୀସ୍ଥିତ ଯନ୍ତରମନ୍ତରରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ ଦାବିରେ ଧାରଣା ଦେଉଛନ୍ତି। ବିଭିନ୍ନ ଥାନାରେ ତାଙ୍କ ନାମରେ ୩୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ୩୦୭, ୩୦୨, ଗ୍ୟାଙ୍ଗଷ୍ଟର ଆକ୍ଟ ଆର୍ମସ ଭଳି ସଙ୍ଗିନ ଦଫା ତାଙ୍କ ବିରୋଧରେ ଲାଗିଛି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ତାଙ୍କ ନାମରେ ଦୁଇଟି ପୋକ୍ସୋ ମାମଲା ପଞ୍ଜୀକୃତ ହୋଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ଜିଲା ସଭାପତି ସୋନୁ ଅନୁଗୁ, ବିଜେଡି ନେତା ବଂଶୀଧର ମୁଦୁଲି, ଏସ୍‌ସିଏସ୍‌ଟି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଜରାଶବର ମାଡି, ସହ ସମ୍ପାଦକ ସଚିନ ଦୋରା ଓ ସନାତନ କବାସି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁନ୍ଦରୀ ଅମନାତ୍ୟ ବିଜୟୀ ୱାର୍ଡ ମେମ୍ବର ଉପନିର୍ବାଚନ



ନନ୍ଦାହାଣ୍ଡି,୪।୫ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ୭ ନମ୍ବର ୱାର୍ଡମେମ୍ବର ନିର୍ବାଚନ ସୁନ୍ଦରୀ ଅମନାତ୍ୟ ବିଜୟୀ ହୋଇଛନ୍ତି। ଗତ ୨ ତାରିଖରେ ଏହି ନିର୍ବାଚନ କରାଯାଇଥିଲା। ଗୁରୁବାର ସକାଳ ୮ଟାରେ ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ନନ୍ଦାହାଣ୍ଡି ତହସିଲଦାର ଡ. ବନମାଳୀ ମେହେରଙ୍କ ଉପସ୍ଥିତିରେ ଭୋଟ ଗଣତି କରାଯାଇଛି। ୱାର୍ଡମେମ୍ବର ପାଇଁ ୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ମୋଟ ୨୨୮ ଜଣ ଭୋଟ ଦେଇଥିଲେ। ସୁନ୍ଦରୀଙ୍କୁ ନିକିତି ଚିହ୍ନରେ ୧୩୪ ଖଣ୍ଡ ମିଳିଥିଲା। ଶଗଡ଼ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ୭୦ ଖଣ୍ଡ ଭୋଟ ପାଇଛନ୍ତି। ମୋଟ ୨୮ ଟି ଭୋଟ ନାକଚ କରାଯାଇଥିଲା। ପ୍ରକାଶ ଯେ ଗତ ସେପ୍ଟେମ୍ବରରେ ବ୍ୟକ୍ତିଗତ କାରଣରୁ ପୂର୍ବତନ ୱାର୍ଡମେମ୍ବର ସାବୀ ମୁଦୁଲି ଇସ୍ତଫା ଦେଇଥିବାରୁ ଉପନିର୍ବାଚନ କରାଯାଇଥିଲା।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ପାପଡ଼ାହାଣ୍ଡି,୪।୫(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦରରୁ ତଣ୍ଡାଗୁଡ଼ା ରାସ୍ତାରେ ଗୁରୁବାର ବାଇକ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚଟାହାଣ୍ଡି ପଞ୍ଚାୟତ ଜାମ୍ବଗୁଡ଼ା ଗ୍ରାମର ଧରଣୀଧର ଗୌଡ଼ ଓ ନବୀନ ଗୌଡ଼। ଉଭୟଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାରକରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସୂଚନା ମୁତାବକ ଉଭୟ ଏକ ବାଇକ ନମ୍ବର (ସିଜି-୧୭ଇ-୫୧୭୭)ରେ ଜାମ୍ବଗୁଡ଼ାରୁ ପାପଡ଼ାହାଣ୍ଡିକୁ ଯାଉଥିଲେ। ଏହି ସମୟରେ ତଣ୍ଡାଗୁଡ଼ା ନିକଟରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ରାଜକିଶୋର ରାଓ ଓ ଭି.ଶ୍ରୀନିବାସ ରାଓ ସେମାନଙ୍କୁ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଉଭୟ ଗୁରୁତରଙ୍କୁ ଉଦ୍ଧାର କରାଯାଇଥିଲା । ଧରଣୀଧରଙ୍କ ଗୋଡ଼ ଭାଙ୍ଗିଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ନୃସିଂହନାଥଙ୍କ ଜୟନ୍ତୀ ପାଳିତ



ଦୁର୍ଗୀ, ୪।୫ (ଡି.ଏନ୍.ଏ.) ରାୟଗଡ଼ା ଜିଲା ଦୁର୍ଗୀର ପଣ୍ଡା ସାହିରେ ଗୌରୀ ଶଙ୍କର ମହାପାତ୍ର ନେତୃତ୍ୱରେ ପ୍ରଭୁ ଶ୍ରୀ ନରସିଂହଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ପୂଜାରେ ଆଖ ପାଖ ଅଞ୍ଚଳ ଓ ଜିଲାର ଅନ୍ୟ ସ୍ଥାନରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗୁଣୁପୁର ଓ ଦୁର୍ଗୀର ବହୁ କୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସନ୍ଧ୍ୟାରେ ପ୍ରସାଦ ବ୍ୟବସ୍ଥା କରାଯାଇଛି। ସୂଚନାନୁଯାୟୀ, ଏହି ପୂଜା ଦୀର୍ଘ ୬୦ ବର୍ଷ ଧରି ଚାଲିଛି। ଦୁର୍ଗୀ ପାଇକ ସାହିର ପାରମ୍ପରିକ ନୃତ୍ୟରେ ନୃସିଂହ ନାଥଙ୍କ ମୁଖାକୁ ପୂଜା କରି ବ୍ୟବହାର କରୁଥିଲେ। ନୃତ୍ୟ ଆଖଡ଼ା ଯେତେବେଳେ ସମାପ୍ତ ହୋଇଗଲା ସେହିଦିନଠାରୁ ଗୌରୀଶଙ୍କରଙ୍କ ବାପା ବିଶ୍ୱନାଥ ମହାପାତ୍ର ତାହାକୁ ଘରେ ରଖି ପୂଜା କରିବା ସହ ପ୍ରଭୁ ନୃସିଂହଙ୍କ ଜନ୍ମଦିନକୁ ୫୦ ବର୍ଷ ହେଲା ପାଳନ କରି ଆସୁଛନ୍ତି। ଆଜିର ଏହି ଜନ୍ମଦିନ ଉତ୍ସବକୁ ଅଜିତ ମହାପାତ୍ର ନେତୃତ୍ୱ ନେଇ ଆୟୋଜନ କରିଥିଲେ।

# ଡଙ୍ଗରିଆଙ୍କୁ ରୋଜଗାର ଦେଉଛି ସିଆଳି ପତ୍ର

ବିଷମ କଟକ,୪।୫(ଡି.ଏନ୍.ଏ.)

ନିୟମଗିରି ପାହାଡରେ ଆଦିମ ଜନଜାତି ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି। ପାହାଡ଼ ଉପରେ ରାୟଗଡ଼ା ଜିଲା ଅଧୀନ ୩ଟି ବ୍ଲକ ଅନ୍ତର୍ଗତ ପ୍ରାୟ ୮ଟି ପଞ୍ଚାୟତର ୯୯ ଖଣ୍ଡ ଗାଁ ରହିଛି। ଏସବୁ ଗାଁରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଏମାନେ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳିଥାନ୍ତି। ବଜାରରେ ଜଙ୍ଗଲଜାତ ଦ୍ରବ୍ୟର ଚାହିଦା ବଢୁଥିବାରୁ ଆଦିମ ଜନଜାତି ମଧ୍ୟ କେତେକାଂଶରେ ଉପକୃତ ହେଉଛନ୍ତି। ନିୟମଗିରି ପାହାଡ଼ରେ ରହୁଥିବା ଜନଜାତି ଡଙ୍ଗରିଆମାନେ ସିଆଳି ପତ୍ର ସଂଗ୍ରହ କରି ତାହାକୁ ବିକି କିଛି ଅର୍ଥ ପାଉଛନ୍ତି। ଅନ୍ୟପଟେ ସିଆଳି ପତ୍ରର ବହୁଳ ବ୍ୟବହା–ôର ପାଇଁ ଡଙ୍ଗରିଆ ଉନ୍ନୟନ ସଂସ୍ଥା ପ୍ରୋତ୍ସାହିତ କରୁଛି।

ପ୍ରାୟତଃ ଡଙ୍ଗରିଆ ସମ୍ପ୍ରଦାୟର ମହିଳାମାନେ ସିଆଳି ପତ୍ର ତୋଳି ଥାଆନ୍ତି। ଦିନକ ଆଗରୁ ଏହି ପତ୍ର ତୋଳି ଗୋଟିଏ ବିଡାରେ ୪ଟି ପତ୍ର ହିସାବରେ ବାନ୍ଧିଥାନ୍ତି। ପରେ ସେମାନେ ତାହାକୁ ୨ରୁ ୩ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ସାହି ଗଳି ବୁଲି ବିକ୍ରି କରନ୍ତି। ଘରୋଇ ମହିଳାମାନେ ଏହି ପତ୍ର କିଣି ଖଲି ଓ ଦନା ପ୍ରସ୍ତୁତ କରି ବଜାରରେ ବିକ୍ରି କରନ୍ତି। ଜଙ୍ଗଲରେ ସିଆଳି ପତ୍ର ୩ରୁ ୪ ମାସ ପର୍ଯ୍ୟନ୍ତ ମିଳିଥାଏ। ଡଙ୍ଗରିଆ ମହିଳାମାନେ ପତ୍ରକୁ କଞ୍ଚାରେ ଓ ଶୁଖିବା ପରେ ବି ବିଡାବାନ୍ଧି ବର୍ଷା ଦିନେ ବିକି ଗୁଜୁରାଣ ମେଣ୍ଟାଉଛନ୍ତି। କାଗଜ ଓ ପ୍ଲାଷ୍ଟିକର ବିକଳ୍ପ ଭାବେ ସିଆଳି ପତ୍ରର ଚାହିଦା ଆହୁରି ବଢାଇବା ପାଇଁ ପ୍ରତ୍ୟେକ ଗାଁରେ ମହିଳା ଗୋଷ୍ଠୀକୁ ଡିକେଡି ହେଉ କି ଓଟିଏଲ୍‌ପି ସଂସ୍ଥା ମାଧ୍ୟମରେ ଆଧୁନିକ ପ୍ରଣାଳୀରେ ବଜାରରେ କିଭଳି ଅଧିକରୁ ଅଧିକ ଚାହିଦା ରହିବ ଏହାକୁ ଆଖିରେ ରଖି ଉନ୍ନତମାନର ଖଲି ଓ ବିଭିନ୍ନ ଠୁଙ୍ଗା ପ୍ରସ୍ତୁତ କରାଯାଉଛି। ରାୟଗଡା, କୋରାପୁଟ,



ମହିଳାମାନେ ଶିଆଳି ପତ୍ର ବିଡା ବାନ୍ଧୁଛନ୍ତି ।

**ପ୍ରୋତ୍ସାହିତ କରୁଛି ଡଙ୍ଗରିଆ ଉନ୍ନୟନ ସଂସ୍ଥା**

ନବରଙ୍ଗପୁର ଜିଲାରେ ଓରମାସ୍ ପକ୍ଷରୁ ପ୍ଲାଣ୍ଟ କରିବା ପାଇଁ ପ୍ରସ୍ତାବ ଆଗତ କରଯାଇଛି। ସିଆଳି ଗଛ ମହୁ ଚାଷ ପାଇଁ ଆବଶ୍ୟକ ହୋଇଥାଏ। ଏହାର ମଞ୍ଜି ମଧ ବଜାରରେ ବିକ୍ରି ହୁଏ। ସିଆଳି ଲତାରେ ପ୍ରସ୍ତୁତ କରାଯାଉଥିବା ଦଉଡିରେ ଡଙ୍ଗରିଆମାନେ ଖଟ ତିଆରି କରନ୍ତି । ବନ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର କହିଛନ୍ତି, ସିଆଳି ଗଛ ବହୁତ ଉପକାରୀ। ଏହା ଅନେକଙ୍କୁ ସ୍ୱାବଲମ୍ବୀ କରିପାରୁଛି। ଡିକେଡି, ଓପିଲିପି ପ୍ରୋଗ୍ରାମ ମ୍ୟାନେଜର ସୁଦର୍ଶନ ପାଢୀ କହିଛନ୍ତି, ମହିଳାମାନେ ଯେଭଳି ସିଆଳି ପତ୍ରରେ ଉନ୍ନତମାନର ଖଲି ଓ ଠୁଙ୍ଗା ତିଆରି କରି ବଜାରରେ ବିକି ପାରିବେ ଦୃଷ୍ଟିରେ ରଖି କାଦ୍ରାଗୁମା ଓ ଭାଟିଗୁମାରେ ମହିଳା ଗ୍ରୁପକୁ ଅତ୍ୟାଧୁନିକ ମେଶିନ ଯୋଗାଇ ଦିଆଯାଇଛି । ଆଗକୁ ଏଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବ।

# ହିତାଧିକାରୀଙ୍କ ସମସ୍ୟା ସମାଧାନ ନେଇ ଆଲୋଚନା

ତେନ୍ତୁଳିଖୁଣ୍ଟି, ୪।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତା ବ୍ଲକରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକ କରାଯାଇଛି। ସାମାଜିକ ଗଣମାଧ୍ୟମ, ଖବରକାଗଜ ଓ ଅନ୍ୟ ମିଡିଆରେ ସମସ୍ୟା ଭିତ୍ତିକ, ହିତାଧିକାରୀ ସରକାରୀ ପ୍ରାପ୍ୟରୁ ବଞ୍ଚିତ, ଦୁର୍ନୀତି ଓ ସ୍ୱାସ୍ଥ୍ୟ ଶିକ୍ଷା ସମସ୍ୟା ସମ୍ବନ୍ଧିତ ଖବର ପ୍ରକାଶ ପରେ ଏହାର ସମାଧାନ କିପରି ହେବ ସେ ନେଇ ଆଲୋଚନା କରାଯାଇଥିଲା। ବିଭାଗୀୟ କର୍ମଚାରୀଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରି ଉକ୍ତ ସମସ୍ୟା ସମ୍ପର୍କରେ ସେଥିରେ ଜଣାଇବା ସହ ତଦନ୍ତ କରି ଯେଉଁ ବିଭାଗର କାମ କିପରି ତାହା କରାଯିବ ସେ ନେଇ ନିଷ୍ପତ୍ତି ହୋଇଛି। ବିଡିଓ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିପିଇଓ, ପିଇଓ, ବିଏସ୍ଏସ୍ଓ, ବିପ୍ଣଣୀ ନିରୀକ୍ଷକ, ସିଡିପିଓ, କୃଷି, ଉଦ୍ୟାନ, ମତ୍ସ୍ୟ, ବିଦ୍ୟୁତ୍ ଆଦି ବିଭାଗ କର୍ମଚାରୀ ଓ ଅଧିକାରୀ ଓ ଜିଆର୍ଏସ୍ ଉକ୍ତ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ରହିବେ। ବୈଠକରେ ଏବିଡିଓ କୃପାସିନ୍ଧୁ ନାୟକ, ଜିପିଇଓ ମଣ୍ଟୁ ସ୍ୱାଇଁ, ବିପ୍ଣଣୀ ନିରୀକ୍ଷକ ରୋହିତ ମାଝି, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଏଏଚ୍ଓ ତେଜସ୍ୱିନୀ ନାୟକ, ଉଦ୍ୟାନ କର୍ମଚାରୀ ପୁନମ ସଗରିଆ, ବ୍ଲକ ମତ୍ସ୍ୟାଧିକାରୀ ଶୁଭେନ୍ଦୁ ଦାସ, ସିଡିପିଓ ସୁରମା ମହାପାତ୍ର, ସମସ୍ତ ପିଇଓ, ଜିଆର୍ଏସ୍ ଉପସ୍ଥିତ ଥିଲେ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ

ଡାବୁଗାଁ, ୪।୫(ଡି.ଏନ୍.ଏ.)



ଅତିଥିମାନେ ବିଦ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଭୂତପୂର୍ବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଦ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଇଓ ଶିବଶଙ୍କର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ତୃତୀୟ ଶ୍ରେଣୀ ସମାପ୍ତି ସୁଦ୍ଧା ଯେଉଁ ପିଲାମାନେ ମୌଳିକ ପଠନ ଏବଂ ଗଣିତ ଶିଖିପାରନ୍ତି ନାହିଁ ସେମାନଙ୍କ ପାଇଁ ପରବର୍ତ୍ତୀ ଶ୍ରେଣୀରେ ତାହା କଷ୍ଟକର ହୋଇଥାଏ। ପିଲାମାନଙ୍କ ପାଇଁ ତୃତୀୟ ଶ୍ରେଣୀଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଯଦି ପିଲାମାନେ ପଢ଼ି ଶିଖିଥିବେ ତେବେ ପରବର୍ତ୍ତୀ ଶ୍ରେଣୀଗୁଡ଼ିକରେ ସେମାନେ ସହଜରେ ପାଠ ଧରିପାରିବେ। ତୃତୀୟ ଶ୍ରେଣୀ ସୁଦ୍ଧା ପିଲାମାନେ ଯେପରି ବୁଝିକି ପଢ଼ିପାରିବେ, ଲେଖିପାରିବେ, ସାଧାରଣ ଗଣିତ କରିପାରିବେ, ମୌଳିକ ଜୀବନ କୌଶଳ ହାସଲ କରିପାରିବେ ତାହା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥି କହିଛନ୍ତି। ଏହି ସଭାରେ ଶିକ୍ଷୟିତ୍ରୀ ରାଜେଶ୍ୱରୀ ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଜୋନ୍–୧ ଧନସିଂ ଭତ୍ରା, ଜୋନ୍–୨ ଗୁପ୍ତା ବିଷୋୟୀ, ଏବିଇଓ ସନ୍ତୋଷ ସାହୁ ଓ ଦେବରାଜ ଗୋପାଳ, ପ୍ରଧାନ ଶିକ୍ଷୟିତ୍ରୀ ବନଲତା ମହାନ୍ତି, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଏବିଇଓ ଭଗବାନ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୫ ପ୍ରାଣୀଚିକିତ୍ସକଙ୍କ ସମୂହ ଇସ୍ତଫା



ପ୍ରାଣୀ ଚିକିତ୍ସକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନବରଙ୍ଗପୁର,୪।୫(ବି.ପ୍ର.)

ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଡାକରାରେ ନବରଙ୍ଗପୁର ଶାଖା ସଦସ୍ୟମାନେ ୯ ଦଫା ଦାବି ନେଇ ୧ ତାରିଖରୁ ଡିଜିଟାଲ କାର୍ଯ୍ୟ ବର୍ଜନ କରି ଆସୁଥିଲେ। ରାଜ୍ୟ ସରକାର ସଂଘର ଦାବିକୁ ବିଚାରକୁ ନ ନେଇ ଆକ୍ରୋଶମୂଳକଭାବେ ସଂଘ କର୍ମକର୍ତ୍ତାଙ୍କୁ ରାତି ଅଧିଆ ବଦଳି କରିବା ଅଭିଯୋଗ ଓ ପ୍ରତିବାଦରେ ଓଡ଼ିଶାରେ ପ୍ରାଣୀ ଚିକିତ୍ସକ ସମୂହ ଇସ୍ତଫା ଦେଇଛନ୍ତି। ଏହି କ୍ରମରେ ନବରଙ୍ଗପୁର ଜିଲାର ୨୫ ଜଣ ପ୍ରାଣୀ ଚିକିତ୍ସକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଇସ୍ତଫା ଦେଇଛନ୍ତି। ଏହି ସବୁର ମୂଳବିନ୍ଦୁ ରାଜ୍ୟ ସରକାର ବୋଲି କହି ସମାଲୋଚନା କରି ପ୍ରତିକ୍ରିୟା ରଖିଛନ୍ତି। ବହୁ ବର୍ଷ ହେବ ୯ଟି ଦାବି ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଉଥିଲେ। ସାଧାରଣ ବର୍ଗ ଡାକ୍ତରଙ୍କ ସହ ସମାନ ଦରମା, ପଦୋନ୍ନତି, ସ୍ୱତନ୍ତ୍ର ସୁରକ୍ଷା ଆଇନ, ନ୍ୟୁନତମ ପ୍ରାଣୀ ଚିକିତ୍ସା ଭିତ୍ତିଭୂମି ଓ ମାନବ ସମ୍ବଳ ବ୍ୟବସ୍ଥା, ନିରବଚ୍ଛିନ୍ନ ଔଷଧ ବିତରଣ, ପ୍ରାଣୀ ରୋଗର ନିଦାନ ସୁବିଧା, ବିଶେଷଜ୍ଞ ଚିକିତ୍ସା ଦାବି ରହିଛି। ତେବେ ରାଜ୍ୟ ସରକାର ଏଥିପ୍ରତି ଭୃକ୍ଷେପ ନ କରି ଓଲଟା ଦାଉ ସାଧିଲା ସଦୃଶ୍ୟ ସେମାନଙ୍କ ବିରୋଧରେ ବଦଳି ଭଳି କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ଜିଲା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଜିଲାର ୨୫ ଜଣ ପ୍ରାଣୀଚିକିତ୍ସକ ସମୂହ ଇସ୍ତଫା ଦେଇଛନ୍ତି ବୋଲି କୁହାଯାଇଛି।

# ଦେଶୀ ମଦଭାଟି ଭଙ୍ଗାରୁଜା ମାମଲା, ୪ଗିରଫ

କୋଡ଼ିଙ୍ଗା, ୪।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ବିଏମ୍ ସେମଳା ପଞ୍ଚାୟତ ଦାଡିଆମାଝିଗୁଡ଼ା ଦେଶୀ ମଦ ଭାଟିକୁ ବୁଧବାର ଗ୍ରାମବାସୀ ବିରୋଧ କରି ଭାଙ୍ଗିବା ଘଟଣାରେ ପୋଲିସ ୪ଜଣକୁ ଗିରଫ କରିଛି। ସେମାନେ ହେଲେ କେରାଣ୍ଡିମାଲ ଗ୍ରାମର ସମାରୁ ପୂଜାରୀ, ଝାଡ଼ସେମଳା ଗ୍ରାମର ବୈଦ୍ୟନାଥ ଭତ୍ରା, ହଳଦୀପଖନା ଗ୍ରାମର ଧନର ଭତ୍ରା ଓ ଡାଡିଆମାଝୀଗୁଡା ଗ୍ରାମର ସଦନ ଭତ୍ରା। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ପ୍ରକାଶଯେ, ଗ୍ରାମରେ ବହୁ ବର୍ଷ ହେଲା ଗୋଟିଏ ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ରହିଥିଲା। ଏଥିରେ ମଦ ତିଆରି ହେବାକୁ ନିୟମ ଥିବାବେଳେ ପାଉଚ ମାଧ୍ୟମରେ ଗାଁଗାଁକୁ ନେଇ ଭାଟି ମାଲିକ କର୍ମଚାରୀ ବିକ୍ରୀ କରୁଥିବା ନେଇ ଗ୍ରାମବାସୀ ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଥିଲା। ଏ ନେଇ ସେମାନେ ପ୍ରଶାସନକୁ ଜଣାଇଥିଲେ । କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯ ଯିବାରୁ ବୁଧବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲାକାର୍ଡ ସହ ଠେଙ୍ଗାବାଡି ଧରି ମଦଭାଟି ବିରୋଧୀ ସ୍ଲୋଗାନ ଦେଇ ଭାଟି ନିକଟରେ ପହଞ୍ଚିଥିଲେ। ପୋଲିସ ଉପସ୍ଥିତିରେ ସେମାନେ ମଦ ଭାଟିର କବାଟ ଭାଙ୍ଗି ଭିତରେ ଧସେଇ ପଶି ମଦ ନଷ୍ଟ କରିବା ସହ ଆସବାହ ପତ୍ର, ମଦ ତିଆରିରେ ବ୍ୟବହୃତ ଯନ୍ତ୍ରାଂଶ ଭାଙ୍ଗି ନଷ୍ଟ କରିଥିଲେ।

# ଶ୍ରମିକ ମହାସଂଘ କାର୍ଯ୍ୟକର୍ତ୍ତା ଚୟନ

ରାୟଗଡା ଅଫିସ,୪।୫

ନିର୍ମାଣ ଶ୍ରମିକ ଏବଂ ଅଣ ସଂଗଠିତ ଶ୍ରମିକ ମହାସଂଘର ନୂତନ ନିର୍ବାଚିତ ପ୍ରତିନିଧିଙ୍କର ନାମ ଘୋଷଣା କରାଯାଇଛି। ଏହି କମିଟି ୩ ବର୍ଷ କାର୍ଯ୍ୟ କରିବ। ୩ ବର୍ଷ ପରେ ପୁଣି ମହାସଂଘ ପୁନଃଗଠନ କରାଯିବ । ଆବଶ୍ୟକ ସ୍ଥଳେ ବର୍ଷକ ପରେ କମିଟିରେ କିଛି ଅଦଳବଦଳ କରାଯାଇପାରିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ନୂତନ କମିଟିରେ ଚିତ୍ତରଞ୍ଜନ ରାଉତରାଏ ଉପଦେଷ୍ଟା, ଭବାନୀ ଶଙ୍କର ଜେନା ଯୁଗ୍ମ ମୁଖ୍ୟ ଉପଦେଷ୍ଟା, ନିରଞ୍ଜନ ପାତ୍ର ସଭାପତି, ବଳରାମ କୁସୁଲିଆ, ରୁନା ନାୟକ, ଦୟା ନାୟକ, ବସନ୍ତ ପାତ୍ର, ପଂକିର କାଣ୍ଡୋ ଉପସଭାପତି, ଖଗେଶ୍ୱର ସିଙ୍ଗ ସାଧାରଣ ସମ୍ପାଦକ, ଅଜୟ ବେନିଆ, ଏ କିରଣ କୁମାର, ମୁରଲି ହିମିରିକା, ପବିତ୍ର ବାଗ, ମାଧବ ଗରଡ଼ିଆ ସହସମ୍ପାଦକ, ପ୍ରେମାନନ୍ଦ କୁଲଦିପ, ଧନଞ୍ଜୟ କଣ୍ଡୋ ବଂଶ, ଗଜେନ୍ଦ୍ର ଗୌଡ଼, ପ୍ରବଳ ପାଇକ, ଟାଙ୍ଗୁରୁ ବିଡ଼ିକା, ପ୍ରଦିପ ପ୍ରଦାଣ୍ଡପୁ, ରମେଶ କିଲାକା, ରଂଜିତ ମାଝି, ମାନସିଙ୍ଗ ଅଟକା, ମଧୁସୁଦନ କଣ୍ଡୋ, ରମେଶ କିଲାନି, ଅନିରୁଦ୍ଧ ନିମାଲା କାର୍ଯ୍ୟ ନିର୍ବାହୀ ସଦସ୍ୟ ରହିଛନ୍ତି।

# ଧାନ, ପିଡିଏସ୍ ଚାଉଳରେ ମହୁଲ ଫୁଲ ଚାଲାଣ

**୪୯ କୁଇଣ୍ଟାଲ ମହୁଲ ଜବତ**

ରାୟଗଡା ଅଫିସ/ରାୟଗଡ଼ା(ସ୍ୱ.ପ୍ର.)୪।୫



ଗିରଫ ଅଭିଯୁକ୍ତ ଓ ଜବତ ମହୁଲଫୁଲ ।

ସାଧାରଣ ବଣ୍ଟନ ଚାଉଳ ଓ ଧାନ ନେବା ଆଳରେ ଟ୍ରକ୍‌ରେ ଚାଲାଣ ହେଉଥିବା ମହୁଲ ଫୁଲକୁ ଅବକାରୀ ବିଭାଗ ଜବତ କରିଛି। ଟ୍ରକରୁ ୪୯.୨ କୁଇଣ୍ଟାଲ ମହୁଲ ଫୁଲ, ୧୪ କୁଇଣ୍ଟାଲ ପିଡ଼ିଏସ ଚାଉଳ ଓ ୩ କୁଇଣ୍ଟାଲ ୨୦କେଜି ଧାନ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଅତିରିକ୍ତ ସୁପରିଣ୍ଟେଡେଣ୍ଟ ଗୁପ୍ତେଶ୍ୱର ପ୍ରଧାନ କହିଛନ୍ତି । ଟ୍ରକ୍ ଚାଳକ ଧନେଶ୍ୱର ପାତ୍ରଙ୍କୁ ଗିରଫ କରାଯାଇଛି।

ଜିଲା ଅବକାରୀ ସବଇନ୍ସପେକ୍ଟର ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଏକଟିମ୍ ଗୁରୁବାର ସକାଳେ ରାୟଗଡ଼ା ସହରଠାରୁ ୧୫ କିମି ଦୂର ଗୁମ୍ମା ନିକଟରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ କୋରାପୁଟ ଯାଉଥିବା ଟ୍ରକ (ଓଡ଼ି ୧୦ଭି୫୪୦୯) ଉପରେ ସନ୍ଦେହ ହେବାରୁ ଚାଳକଙ୍କୁ ଅଟକାଇ ପଚରାଉଚୁରା କରାଯାଇଥିଲା । ଚାଳକ ଧନେଶ୍ୱରଙ୍କ କଥାରେ ତାଳମେଳ ନ ରହିବାରୁ ଅବକାରୀ ଟିମ୍ ଗାଡ଼ି ଯାଞ୍ଚ କରିଥିଲେ। ଉକ୍ତ ଗାଡିରୁ ଚାଉଳ, ଧାନ ସହ ୪୯.୨ କୁଇଣ୍ଟାଲ ମହୁଲ ଫୁଲ ରହିଥିବା ଦେଖାଯାଇଥିଲା। ଟ୍ରକ୍‌କୁ ଜବତ କରି ରାୟଗଡ଼ା ସ୍ଥିତ ଅବକାରୀ ରେଞ୍ଜ କାର୍ଯ୍ୟାଳୟକୁ ଆଣି ଥିଲା ଅବକାରୀ ଟିମ୍। ଅବକାରୀ ବିଭାଗ ଏ ନେଇ ୩୧/୨୩ରେ ମାମଲା ରୁଜୁ କରି ଧନେଶ୍ୱରଙ୍କୁ ଅଟକ ରଖିଥିବା ଏସଆଇ ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି। ଚଢ଼ାଉରେ ଅବକାରୀ ବିଭାଗର ଦୁଇ ଜଣ ଏଏସଆଇ ରାଶି ନାୟକ ଓ ସଂଗ୍ରାମ ପ୍ରଧାନଙ୍କ ସମେତ କନେଷ୍ଟବଳ ପାଲକା ହାପ୍ରେ, ସନ୍ଦିପ ପାତ୍ର, କରୁଣାକର ପାତ୍ର, ଜି.ଧର୍ମାରାଓ, ଅମର ଦଳାଇ ଓ ଖ୍ରୀଷ୍ଟଦାସ ବେବର୍ତା ପ୍ରମୁଖ ସାମିଲ ଥିଲେ ।

# ଗ୍ରାମଦେବତୀ ମନ୍ଦିର ଲାଗି ଭୂମିପୂଜା

କୋଲନାରା,୪।୫(ଡି.ଏନ୍.ଏ.)

ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କୋଲନାରା ବ୍ଲକ ଗସ୍ତରେ ଆସି ଗରୁଡପଦର, ହାତୀ ଖମ୍ବା, ବନମାଳୀଗୁଡା, ସରାବୁଗୁଡା ଅଞ୍ଚଳରେ ୭ଟି ଗାଁରେ ଗ୍ରାମଦେବତୀଙ୍କ ମନ୍ଦିର (ଝାଙ୍କୀଗିଗୁଡି ଗୁଡିକର) ଭୂମି ପୂଜନ କରଛନ୍ତି। ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଜିଲା ଏସଡିସି ଚେୟାରମ୍ୟାନ ଅନୁସୟା ମାଝୀ, ଜିଲା ପରିଷଦ ସଭ୍ୟ ଇପିଲି ଧବଳେଶ୍ୱର, କୋଲନାରା ବ୍ଲକ ଚେୟାରମ୍ୟାନ, ମୁକୁନ୍ଦପୁର, କେଲାସପୁର ସରପଞ୍ଚ ଓ କର୍ମୀମାନେ ଯୋଗ ଦେଇଥିଲେ। ଆଇଟିଡିଏ ବିଭାଗର କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ନାୟକ କାର୍ଯ୍ୟକ୍ରମ ତଦାରଖ କରିଥିଲେ।



ଭୂମିପୂଜା କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟମାନେ ।

# ରୋଗୀ କଲ୍ୟାଣ ସମିତି ବୈଠକ

ଚନ୍ଦ୍ରପୁର,୪।୫(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୁରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟା, ରୋଗୀମାନଙ୍କ ପାଇଁ ପାଇଖାନା, ଔଷଧ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବେଡ୍ରେକା, ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଲ୍ଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସାଲୁଙ୍କି ଚରଣ, ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗନ୍ନାଥ ନାୟକଙ୍କ ସମେତ ଅଙ୍ଗନୱାଡି ସୁପରଭାଇଜର ଚନ୍ଦ୍ରମା ମାଳକିଶୋଇ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟ ଡାକ୍ତର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସାରିକିମା ପଞ୍ଚାୟତର ମେରିଆପଟା ଠାରୁ ନୂଆଗଡ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ହୋଇଯାଇଥିବାରୁ ଏହାର ଶୁଭ ଉଦ୍‌ଘାଟନ କରାଯାଇଛି। ବିଧାୟକ ରଘୁନାଥ ଏବଂ ସୁଧୀର କୁମାର ଦାସ ଯୋଗଦେଇ ନଡିଆ ମାରି ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସରକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା,କନିଷ୍ଠ ଯନ୍ତ୍ରୀ ଅନୀଲ କୁମାର ମଲ୍ଲିକ ,ପୂର୍ବତନ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରତିଙ୍ଗା,ବ୍ଲକ ଅଧ୍ୟକ୍ଷ ଖଇନ କିମ୍ବାକା ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।



ବୈଠକରେ ଆଲୋଚନା ଚାଲିଛି।

# ଅଧା କାମକୁ ସମ୍ପୂର୍ଣ୍ଣ ବିଲ୍

- ସ୍କୁଲ ରୂପାନ୍ତରଣ କାମ ଅଧା ଥିବାବେଳେ ବିଲ୍ କରି ନିଆଯାଇଥିବା ଅଭିଯୋଗ
- କାମ ନିମ୍ନମାନର ହେତୁ ଛାଡ଼ିଗଲାଣି ରଙ୍ଗ, ଭାଙ୍ଗିଗଲାଣି କବାଟ

ନବରଙ୍ଗପୁର,୪।୫(ବି.ପ୍ର.)

ହାଇସ୍କୁଲଗୁଡ଼ିକୁ ୫–ଟି ଅଧୀନରେ ରୂପାନ୍ତରଣ କରାଯାଉଛି। କିନ୍ତୁ ଅଧା କାମ କରି ପୂରା ବିଲ୍ ହୋଇଯାଇଥିବା ଭଳି ଅଭିଯୋଗ ନବରଙ୍ଗପୁର ଜିଲାରୁ ଆସିଛି। ନବରଙ୍ଗପୁରର ଚେରଚେଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ରୂପାନ୍ତରଣ କାମ ଶେଷ ହୋଇ ନ ଥିବା ବେଳେ ବିଲ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି।

ଉକ୍ତ ବିଦ୍ୟାଳୟକୁ ପଞ୍ଚାୟତ ଅନୁଦାନ ୧୫ଲକ୍ଷ, ମୋ ସ୍କୁଲ ଅଭିଯାନରୁ ୨୦ଲକ୍ଷ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରୁ ୧୦ଲକ୍ଷ ଟଙ୍କା ଖର୍ଚ୍ଚରେ ରୂପାନ୍ତରିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଉକ୍ତ ବିଦ୍ୟାଳୟକୁ ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍‌ଘାଟନ କରିଥିଲେ। କିନ୍ତୁ ସ୍କୁଲ ବଗିଚା, ଶୌଚାଳୟ, ପରିସ୍ରାଗାର ଆଦି କାର୍ଯ୍ୟ ଏବେ ସୁଦ୍ଧା ସରିନାହିଁ। ପାହାଚ କାମ ମଧ ଅଧାପନ୍ତରିଆ ପଡ଼ି ରହିଛି। ପାଣି ଟ୍ୟାପ୍‌ଗୁଡ଼ିକ କାମ କରୁନାହିଁ। ଏଥିସହ ଯାହାବି କାମ ହୋଇଛି ତାହା ମଧ ନିମ୍ନମାନର ବୋଲି ଅଭିଯୋଗ ଆସିଛି। ସ୍କୁଲ କାମରେ ବ୍ୟବହୃତ ହୋଇଥିବା ରଙ୍ଗର ମାନ ଖରାପ ଥିବାରୁ ସେଗୁଡ଼ିକ ଛାଡ଼ିଗଲାଣି। ବିଦ୍ୟାଳୟ କୋଠାକୁ ପ୍ରବେଶ କରୁଥିବା ଦ୍ୱାର ପାହାଚରେ ଏବେ ସୁଦ୍ଧା ପ୍ଲେଟ୍ ପଡ଼ିଲା ନାହିଁ। ଲଗାଯାଇଥିବା ସିସି କ୍ୟାମେରା ବେଳେବେଳେ କାମ କରୁନାହିଁ। ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପରିସ୍ରାଗାରର କବାଟ କ୍ଲାମ୍ପ ଉପୁଡ଼ିପଡ଼ିଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଡିଇଓ, ପାପଡ଼ାହାଣ୍ଡି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ ଏ ଦିଗରେ କେହି ଦୃଷ୍ଟି ଦେଲେନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟର ଉନ୍ନୟନ କାର୍ଯ୍ୟ ବିନା ଟେଣ୍ଡରରେ ହୋଇଥିବା ଓ ଅଧାକାମରେ ସମ୍ପୂର୍ଣ୍ଣ ବିଲ୍ ହୋଇଯିବା ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଅର୍ଥର ସଦୁପଯୋଗ ନ ହୋଇ କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ବିଲ୍ ହୋଇଯିବା ବିଡ଼ମ୍ବନର ବିଷୟ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି ହୋଇଛି। ଉକ୍ତ ବିଦ୍ୟାଳୟ କାର୍ଯ୍ୟ ପାଇଁ ନିୟୋଜିତ ଥିବା କନିଷ୍ଠ ଯନ୍ତ୍ରୀ ଗୁଣନିଧି କୁମୁଡାଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ବଳକା କାମ ଜଲ୍‌ଦି କରାଯିବ ବୋଲି ସେ କହିଛନ୍ତି।



